# ବୟସ୍କଙ୍କ ସୁଖଦୁଃଖ ବୁଝିଲେ ସଞ୍ଜୟ

ନୟାଗଡ଼,୧୨।୧/ଏନ୍‌ଏନ୍‌ଏସ୍: ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଆଜି ନୟାଗଡ଼ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ। ଏଥିସହ ନୟାଗଡ଼ ଉପକଣ୍ଠରେ ଥିବା ବୃଦ୍ଧାଶ୍ରମରେ ପହଞ୍ଚି ବୟସ୍କଙ୍କ ସୁଖଦୁଃଖ ବୁଝିଥିଲେ। ନୟାଗଡ଼ର ଶାନ୍ତି ଚାରିଟେବୁଲ୍ ଟ୍ରଷ୍ଟ, ରୋଟାରୀ କ୍ଲବ୍ ଓ ରେଡ୍‌କ୍ରସ୍ ସୋସାଇଟ୍ ଦ୍ୱାରା ଦ୍ୱାରା ପରିଚାଳିତ ହେଉଥିବା ଏହି ବୃଦ୍ଧାଶ୍ରମରେ ଅନ୍ତେବାସୀମାନେ କିପରି ସମୟ ବିତାଉଛନ୍ତି, ସେ ନେଇ କି ବ୍ୟବସ୍ଥା କରାଯାଇଛି, ତାହା ପଚାରି ବୁଝିଛନ୍ତି। ନୟାଗଡ଼ ବିଧାୟକ ତଥା ରାଜ୍ୟ ସରକାରଙ୍କ କୃଷି ଓ କୃଷକ ଶସକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଉପସ୍ଥିତ ରହି ବୃଦ୍ଧାଶ୍ରମର ସମସ୍ତ ଗୃହ, କାର୍ଯ୍ୟରତ ଥିବା ପ୍ଲେ ସ୍କୁଲ୍ ସମ୍ବନ୍ଧରେ ଆଲୋଚନା କରିଥିବା ବେଳେ ପରିଚାଳନା କର୍ତ୍ତୃପକ୍ଷ ମଧ୍ୟ ଉପସ୍ଥିତ ରହିଥିଲେ।

ନିତିଦିନ NITIDIN Wed, Jan 13, 2021
http://odishanewsnitidin.com